**ସେପ୍ଟେମ୍ବର ୩୦,୨୦୦୫ ଶୁକ୍ରବାର**

Google Search




## ବିଜ୍ଞାନ ସଂସ୍ଥା କଲିକତା ସ୍ଥାନାନ୍ତର ପ୍ରସ୍ତାବକୁ  ମୁଖ୍ୟମନ୍ତ୍ରୀଙ୍କ ବିରୋଧ

ଓଡ଼ିଶା ଡଟ୍ କମ୍ ସମ୍ବାଦଦାତା

ଭୁବନେଶ୍ୱର, ସେପ୍ଟେମ୍ବର ୩୦(ଓଡ଼ିଶା ଡଟ୍ କମ୍) ଓଡ଼ିଶାରେ ପ୍ରସ୍ତାବିତ ଭାରତୀୟ ବିଜ୍ଞାନ ସଂସ୍ଥା(ଆଇଆଇଏସ୍‌ସି)କୁ କଲିକତାକୁ ସ୍ଥାନାନ୍ତରିତ କରିବା ନେଇ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିର ପୁନର୍ବିଚାର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କୁ ଜଣାଇଛନ୍ତି ।

ବାଙ୍ଗାଲୋରର ଆଇଆଇଏସ୍‌ସି ଢ଼ାଞ୍ଚାରେ ଭୁବନେଶ୍ୱର ସମେତ ଆହ୍ଲାବାଦ, ପୁଣେ ଏବଂ ଚେନ୍ନାଇରେ ଉକ୍ତ ଅନୁଷ୍ଠାନ ଖୋଲାଯିବାକୁ ପୂର୍ବରୁ କେନ୍ଦ୍ରର ଏନ୍‌ଡିଏ ସରକାର ନିଷ୍ପତ୍ତି ନେଇଥିଲେ ।

୨୦୦୩ ଜୁଲାଇରେ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ଏ ସଂପର୍କରେ ରାଜ୍ୟ ସରକାରଙ୍କୁ ଜଣାଇଥିଲେ ।

ଏହି ଉଦ୍ଦେଶ୍ୟରେ ସ୍ଥାନୀୟ ଖଣ୍ଡେଇପୁରଠାରେ ରାଜ୍ୟ ସରକାର ୭୫ ଏକର ଜମି ଚିହ୍ନଟ କରିବା ସହ ସଂସ୍ଥାର କାର୍ଯ୍ୟ ଆରମ୍ଭ ପାଇଁ ତତ୍କାଳୀନ କେନ୍ଦ୍ର ସରକାର ୧୦୦ କୋଟି ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ।

ଓଡ଼ିଶାରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ(ଆଇଆଇଟି), ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫନମ୍ୟାନେଜ୍‌ମେଣ୍ଟ(ଆଇଆଇଏମ୍), କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଭଳି କୌଣସି ପ୍ରମୁଖ ଶିକ୍ଷାନୁଷ୍ଠାନ ରାଜ୍ୟରେ ନାହିଁ ।

ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ପାଇଁ ବିଜ୍ଞାନ କ୍ଷେତ୍ରରେ ଉଚ୍ଚତର ଗବେଷଣା କରିବା ପାଇଁ ଥିବା ସୁଯୋଗ ଏହି ନିଷ୍ପତ୍ତି ଦ୍ୱାରା ପ୍ରଭାବିତ ହେଉଛି ଏବଂ ବର୍ତ୍ତମାନ ଓଡ଼ିଶା ଦ୍ରୁତ ଶିଳ୍ପାୟନ ପାଇଁ ପ୍ରସ୍ତୁତ ହେଉଥିବାରୁ ବିଜ୍ଞାନ ସମ୍ବନ୍ଧୀୟ ଗବେଷଣା ପାଇଁ ଆଇଆଇଏସ୍‌ସି ଭଳି ଅନୁଷ୍ଠାନ ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସୂଚନାଯୋଗ୍ୟ ଯେ, ଉକ୍ତ ସଂସ୍ଥାକୁ କଲିକତାକୁ ଉଠାଇ ନେବାକୁ ପ୍ରଧାନମନ୍ତ୍ରୀ ମନମୋହନ ସିଂ ବୁଧବାର ନୂଆଦିଲ୍ଲୀଠାରେ ଘୋଷଣା କରିଛନ୍ତି ।

କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ରାଜ୍ୟର ବିଭିନ୍ନ ଛାତ୍ର ସଂଗଠନ ଏବଂ ବୁଦ୍ଧିଜୀବି ମହଲ ପକ୍ଷରୁ ବିରୋଧ କରାଯାଇଛି ।

(ଓଡ଼ିଶା ଡଟ୍ କମ୍)


ଓଡ଼ିଶା ଡ଼ଟ୍ କମ୍

ସପିଙ୍ଗ୍ ଜୋନ୍

**ପରିଧାନ**

ସଲ୍ୱାର କାମିଜ୍ - ଶାଢ଼ୀ - ସାରଙ୍ଗ - କୁର୍ତ୍ତା - ଚୋଳି - ଟପ୍ସ

**ଘରକରଣା ସାମଗ୍ରୀ**

ଇଲୋକଟ୍ରୋନିକ୍ସ - ଘରକରଣା ସାମଗ୍ରୀ - ରୋଷେଇ ସାମଗ୍ରୀ - ସୁନା ଗହଣା - ଚମଡା ସାମଗ୍ରୀ - ଘଣ୍ଟା

**ଅନ୍ୟାନ୍ୟ**

ଜ୍ୟୋତିଷୀ - ବହି ଏବଂ ସିଡ଼ି -ଭାରତ ଦର୍ଶନ - ବନ୍ଧୁ ଉପହାର ସାମଗ୍ରୀ - ଭାରତକୁ ରାକ୍ଷୀ - ଆମେରିକାକୁ ରାକ୍ଷୀ - ଆମେରିକାକୁ ମିଠା - ଅନ୍ୟାନ୍ୟ ପରିଧାନ - ବ୍ୟାଗ - ୱାଲ ହେଙ୍ଗିଙ୍ଗ୍ - ତାଜା ଫୁଲ - ତାଜା ଫଳ -କେକ୍




Contact address: info@odisha.com , odisha@rediffmail.com
Copy right 2004-2009 odisha.com, All rights reserved
Editor in Chief: JATINDRA DASH
ଓଡ଼ିଶା ଡ଼ଟ୍ କମ୍‌ର ଘୋଷଣାନାମା